ପ୍ରେସ୍‌ନୋଟ୍

## ଜିଲ୍ଲା ସଂସ୍କୃତି ପରିଷଦର କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ।

### ଅନୁଗୋଳରେ ଗାନ୍ଧୀ ସ୍ମୃତି ଭବନ ନିର୍ମାଣ ନିମନ୍ତେ ଜରୁରୀ ବୈଠକ ।

ଅନୁଗୋଳ, ତା.୦୪.୧୦:- ଅନୁଗୋଳରେ ଗାନ୍ଧୀ ସ୍ମୃତି ଭବନ ନିର୍ମାଣ ଦାବୀରେ ସମାଜସେବୀ କ୍ରିଷ୍ଣା ମାହାନ୍ତି ଗାନ୍ଧୀ ଜୟନ୍ତୀ ଠାରୁ ଧାରଣାରେ ବସିଥିଲେ । ଜିଲ୍ଲା ସଂସ୍କୃତି ପରିଷଦର ସଭ୍ୟ ଓ ସଭ୍ୟାମାନଂକର ଉପସ୍ଥିତିରେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇ ଗାନ୍ଧୀ ସ୍ମୃତି ଭବନ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା । ସଭ୍ୟ ସଭ୍ୟାମାନଂକ ଅନୁରୋଧ କ୍ରମେ କ୍ରିଷ୍ଣା ମାହାନ୍ତି ଏହି ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକରେ କ୍ରିଷ୍ଣା ମାହାନ୍ତିଙ୍କ ଦାବୀକୁ ସମ୍ମାନ ଜଣାଇ ଗାନ୍ଧୀ ମାର୍ଗରେ ଜିଲ୍ଲା ପ୍ରଶାସନ ତରଫରୁ ଉପଯୁକ୍ତ ଗାଡି ପାର୍କିଂ ବ୍ୟବସ୍ଥା, ପାଠାଗାର, ସଂଗ୍ରହାଳୟ ଓ ଉଦ୍ୟାନ ପାଇଁ ଆବଶ୍ୟକ ଯାଗା ଥିବା ସ୍ଥାନରେ ଗାନ୍ଧୀ ସ୍ମୃତି ଭବନ ନିର୍ମାଣ କରାଯିବ । ଗାନ୍ଧୀ ମାର୍ଗରେ ଗାନ୍ଧୀ ସ୍ମୃତି ଭବନ ନିର୍ମାଣ ନିମନ୍ତେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥିଙ୍କ ଅଧ୍ୟକ୍ଷତାରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଶ୍ରୀ ହେମନ୍ତ କୁମାର ଦାସ ,ତହସିଲଦାର ଶ୍ରୀ ବିମଳ କୁମାର ଲେଙ୍କା, କଳାକାରର ସଭାପତି ଶ୍ରୀ ଭୂପେଶ ଚନ୍ଦ୍ର ପ୍ରଧାନ, ଜିଲ୍ଲା ସାହିତ୍ୟ ସଂସଦର ସମ୍ପାଦକ ଶ୍ରୀ ରାଧାକାନ୍ତ ମାହାନ୍ତି ଓ ଶ୍ରୀ ସୂର୍ଯ୍ୟନାରାୟଣ ନାଥଙ୍କୁ ନେଇ ଏକ ୬ ଜଣିଆ କମିଟି ଗଠନ କରାଯାଇଛି । ଗାନ୍ଧୀ ମାର୍ଗରେ ନିର୍ମାଣ ହେଉଥିବା ଅଙ୍ଗନୱାଡି କେନ୍ଦ୍ରର ସ୍ଥାନ ଦୁର୍ଘଟଣା ପ୍ରବଣ ହୋଇଥିବାରୁ ଏହାକୁ ଅନୁଧ୍ୟାନ କରି ବନ୍ଦ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଗାନ୍ଧୀ ମାର୍ଗରେ ଗାନ୍ଧୀ ସ୍ମୃତି ଭବନ ନିର୍ମାଣ ପାଇଁ ଉପଯୁକ୍ତ ଯାଗା ଉପଲବଧ ନ ହେଲେ ବିକଳ୍ପ ଭାବେ ରାଣୀଗୁଡା ଅଂଚଳରେ ଜାଗା ଚୟନ କରିବା ନିମନ୍ତେ ବୈଠକରେ ସ୍ଥିର କରାଗଲା । ଗାନ୍ଧୀ ସ୍ମୃତି ଭବନର ରକ୍ଷଣାବେକ୍ଷଣ ଓ ପରିଚାଳନା ଜିଲ୍ଲା ସଂସ୍କୃତି ପରିଷଦ ଅଧିନରେ ରଖିବାକୁ ସ୍ଥିର କରାଗଲା । ଏହାଛଡା ବୈଠକରେ ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଥିବା କବି ରାଧାମୋହନ ଗଡନାୟକଂକ ପ୍ରତିମୂର୍ତ୍ତୀ ସାମ୍ନାରେ ପ୍ରଦର୍ଶିତ



ହୋଇଥିବା ହୋର୍ଡିଂଗୁଡିକୁ ହଟାଇବାକୁ ସଭ୍ୟ ସଭ୍ୟାମାନେ ଜିଲ୍ଲାପାଳଂକ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଉପସ୍ଥିତ ସଭ୍ୟ ସଭ୍ୟାମାନଂକୁ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲାପାଳଙ୍କ ଅନୁରୋଧ କ୍ରମେ କ୍ରିଷ୍ଣା ମାହାନ୍ତି ଧାରଣା ପ୍ରତ୍ୟାହୃତ କରିଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରିଣୀ ଶ୍ରୀମତୀ ସରିତା ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଦୁଃଖବନ୍ଧୁ ମାଝି, ସାଂସ୍କୃତିକ ସଂଯୋଜିକା ଡ. ଇନ୍ଦିରା ଦାଶ, ପ୍ରାକ୍ତନଅଧ୍ୟକ୍ଷ ଶ୍ରୀ ଶାନ୍ତନୁ କୁମାର ସର, ବରିଷ୍ଠ ଆଇନ୍‌ଜିବୀ ଶ୍ରୀ ଭବାନୀ ଶଂକର ମିଶ୍ର, ଅଧିସ୍ୱିକୃତ ସାମ୍ବାଦିକ ଶ୍ରୀ ସଂଗ୍ରାମ ରଂଜନ ଦାସ,ଜିଲ୍ଲା ଗ୍ରନ୍ଥାଗାରିକ ଶ୍ରୀ ଲକ୍ଷ୍ମୀ ପ୍ରସାଦ ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ ।


COURT OF THE COLLECTOR & DISTRICT MAGISTRATE
ANGUL

